# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**20th November - 2024**

**News Editor : *Itishree Singh Rathaur***

**********************************

***Desk***

## ମହାରାଷ୍ଟ୍ର ନିର୍ବାଚନ

ଝାରଖଣ୍ଡରେ ଦ୍ୱିତୀୟ ପର୍ଯ୍ୟାୟ ଏବଂ ମହାରାଷ୍ଟ୍ରରେ ବିଧାନସଭାପାଇଁ ଆଜି ମତଦାନ ଅନୁଷ୍ଠିତ ହେଉଛି । ଦ୍ୱିତୀୟ ପର୍ଯ୍ୟାୟରେ ଝାଡ଼ଖଣ୍ଡରେ ୩୮ଟି ଏବଂ ମହାରାଷ୍ଟ୍ରର ଏକକ ପର୍ଯ୍ୟାୟ ନିର୍ବାଚନରେ ୨୮୮ଟି ବିଧାନସଭା ଆସନପାଇଁ ଭୋଟ୍‌ଗ୍ରହଣ ହେଉଛି । ଏଥିସହ ମହାରାଷ୍ଟ୍ରର ନାନ୍ଦେଡ ଲୋକସଭା ଆସନ ଏବଂ ୪ଟି ରାଜ୍ୟର ୧୫ଟି ବିଧାନସଭା ଆସନ ପାଇଁ ମଧ୍ୟ ଉପନିର୍ବାଚନ ଅନୁଷ୍ଠିତ ହେଉଛି । ଆସନ୍ତା ୨୩ ତାରିଖ ଦିନ ଭୋଟ୍‌ଗଣତି ସହ ଫଳାଫଳ ପ୍ରକାଶ ପାଇବ ।

***Desk***

## ଧାନ ସଂଗ୍ରହ

ରାଜ୍ୟରେ ଖରିଫ୍ ଧାନକିଣା ପ୍ରକ୍ରିୟା ଆଜିଠାରୁ ଆରମ୍ଭ ହେଉଛି । ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି,

ଆଜିଠାରୁ ବରଗଡ଼ ଏବଂ ଆସନ୍ତାକାଲି ସମ୍ବଲପୁରରେ ଧାନକିଣା ଆରମ୍ଭ ହେବ । ଧାନକିଣାଠୁ ବିକ୍ରି ପର୍ଯ୍ୟନ୍ତ ସମସ୍ତ ପ୍ରକ୍ରିୟା ଉପରେ ସରକାରଙ୍କ ତୀକ୍ଷ୍ଣ ନଜର ରଖାଯିବ । ଏଥିପାଇଁ ମଣ୍ଡିରେ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ତଦାରଖ କରିବେ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି । କୁଇଣ୍ଟାଲ୍ ପିଛା ୩ ହଜାର ୧୦୦ ଟଙ୍କାରେ ଧାନ ସଂଗ୍ରହ କରାଯିବ । କେନ୍ଦ୍ର ସରକାରଙ୍କଦ୍ୱାରା ଧାର୍ଯ୍ୟ ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ ରାଜ୍ୟ ସରକାରଙ୍କ ପକ୍ଷରୁ କୁଇଣ୍ଟାଲ୍ ପିଛା ୮୦୦ ଟଙ୍କା ଅଧିକ ପ୍ରଦାନ କରକାଯିବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ।

***Cuttack/R***

## କଟକ ବାଲିଯାତ୍ରା

କଟକ ବାଲିଯାତ୍ରାର ଅବଧି ଆଉ ଗୋଟିଏ ଦିନ ବୃଦ୍ଧି କରାଯାଇଛି । ଲୋକଙ୍କ ଆଗ୍ରହ ଏବଂ ଉତ୍ସାହକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ନିଷ୍ପତ୍ତି ଗ୍ରହଣ କରିଛନ୍ତି । ବାଲିଯାତ୍ରା ୨୨ ତାରିଖ ଶୁକ୍ରବାର ପରିବର୍ତ୍ତେ ୨୩ ତାରିଖ ଶନିବାର ଦିନ ଶେଷ ହେବ । ଏହାକୁ ମିଶାଇ ଚଳିତ ବର୍ଷ ବାଲିଯାତ୍ରା ସମୟସୀମା ୯ ଦିନ ହୋଇଛି ।

*Desk*

# +୨ ଫର୍ମ ପୂରଣ ଅବଧି

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦଦ୍ୱାରା ପରିଚାଳିତ ଯୁକ୍ତ ଦୁଇ ପରୀକ୍ଷା ପାଇଁ ଜରିମାନା ସହ ଫର୍ମପୂରଣ ସମୟସୀମା ୨୫ ତାରିଖକୁ ବୃଦ୍ଧି କରାଯାଇଛି । ୨୬ ତାରିଖ ସୁଦ୍ଧା ୬୦୦ ଟଙ୍କା ଜରିମାନା ଏବଂ ୨୮ ତାରିଖ ସୁଦ୍ଧା କାଗଜପତ୍ର ଦାଖଲ କରିବାର ସମୟସୀମା ଧାର୍ଯ୍ୟ କରାଯାଇଛି । ଉଭୟ ରେଗୁଲାର୍ ଏବଂ ଏକ୍ସ-ରେଗୁଲାର ଛାତ୍ରଛାତ୍ରୀଙ୍କ ପାଇଁ ଏହା କାର୍ଯ୍ୟକାରୀ ହେବ ବୋଲି ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି ।

*Desk*

# ଓଡ଼ିଶା ଆଦର୍ଶ ବିଦ୍ୟାଳୟ

ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ନାମଲେଖାପାଇଁ ପ୍ରବେଶିକା ପରୀକ୍ଷା ଆବେଦନ ତାରିଖକୁ ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଆସନ୍ତା ଶିକ୍ଷାବର୍ଷପାଇଁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ଏବଂ ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ପାଇଁ ଏହି ବର୍ଦ୍ଧିତ ସମୟସୀମା ଲାଗୁ ହେବ । ସୂଚନାଯୋଗ୍ୟ, ଏଥିପାଇଁ ଆବେଦନ କରିବାର ସମୟସୀମା ଆଜି ଶେଷ ତାରିଖ ଥିଲା । ଆସନ୍ତାବର୍ଷ ଜାନୁୟାରୀ ମାସରେ

ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୱେବ୍‌ସାଇଟ୍‌ରେ ପ୍ରବେଶ ପତ୍ର ଉପଲବ୍ଧ ହେବ ବୋଲି ଜଣାପଡ଼ିଛି ।

*Desk*

# ସ୍ୱୟଂଚାଳିତ ପାଣିପାଗ କେନ୍ଦ୍ର

ରାଜ୍ୟରେ ବ୍ଲକ୍ ସ୍ତରରୁ ପାଣିପାଗ ସମ୍ପର୍କିତ ଆଗୁଆ ସୂଚନା ପ୍ରଦାନ ଲକ୍ଷ୍ୟରେ ସ୍ୱୟଂଚାଳିତ ପାଣିପାଗ କେନ୍ଦ୍ର ପ୍ରତିଷ୍ଠା ପାଇଁ ପଦକ୍ଷେପ ନିଆଯାଉଛି ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି । ପାଣିପାଗ ସମ୍ପର୍କିତ ସୂଚନାକୁ ସଠିକ୍ ଭାବେ ତୃଣମୂଳ ସ୍ତରରେ ପହଞ୍ଚାଇବା ପାଇଁ ଏହି ବ୍ୟବସ୍ଥା ଗ୍ରହଣ କରାଯାଇଛି ବୋଲି ସେ କହିଛନ୍ତି । ବାଲେଶ୍ୱର ଏବଂ ସମ୍ବଲପୁରରେ ପାଣିପାଗର ସଠିକ୍ ପୂର୍ବାନୁମାନ ଲକ୍ଷ୍ୟରେ ଡପ୍‌ଲର୍ ରାଡାର ପ୍ରତିଷ୍ଠା କାର୍ଯ୍ୟ ଚାଲିଛି ବୋଲି ସେ କହିଛନ୍ତି । ଆସନ୍ତା ୮ ମାସ ମଧ୍ୟରେ ଦୁଇଟିଯାକ ରାଡାର କାର୍ଯ୍ୟକ୍ଷମ ହେବା ନେଇ ମନ୍ତ୍ରୀ ଶ୍ରୀ ପୂଜାରୀ ସୂଚନା ଦେଇଛନ୍ତି ।

*Desk*

# ସ୍ମାର୍ଟ ସର୍ଭେଲାନ୍ସ ବ୍ୟବସ୍ଥା

ସବ୍‌ରେଜିଷ୍ଟ୍ରାର୍‌ଙ୍କ କାର୍ଯ୍ୟାଳୟରେ ଜମି କିଣାବିକାରେ ସ୍ୱଚ୍ଛତା ଆଣିବା ଲକ୍ଷ୍ୟରେ ସ୍ମାର୍ଟ ସର୍ଭେଲାନ୍ସ ବ୍ୟବସ୍ଥା ଆରମ୍ଭ ହୋଇଛି । କୃତ୍ରିମ ବୁଦ୍ଧିମତ୍ତା ଜରିଆରେ କାର୍ଯ୍ୟକାରୀ ହେଉଥିବା ଏହି ବ୍ୟବସ୍ଥାକୁ ରାଜସ୍ୱ ମନ୍ତ୍ରୀ ସୁରେଶ

ପୂଜାରୀ କଟକ ସ୍ଥିତ ଆଇ.ଜି.ଆର୍.ଙ୍କ କାର୍ଯ୍ୟାଳୟରେ ଉଦ୍‌ଘାଟନ କରିଛନ୍ତି । ଏହି ବ୍ୟବସ୍ଥା ଲାଗୁ କରିବାରେ ସମଗ୍ର ଦେଶରେ ଓଡ଼ିଶା ପ୍ରଥମ ରାଜ୍ୟ ହୋଇଛି ବୋଲି ଶ୍ରୀ ପୂଜାରୀ କହିଛନ୍ତି । ପରବର୍ତ୍ତୀ ସମୟରେ ରାଜସ୍ୱ ବିଭାଗ ଅଧୀନ ଅନ୍ୟାନ୍ୟ କାର୍ଯ୍ୟାଳୟରେ ଏହି ବ୍ୟବସ୍ଥା ଲାଗୁ ନେଇ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ ସୂଚନା ଦେଇଛନ୍ତି ।

***BBSR/R***

# କ୍ରିକେଟ୍ - ପ୍ରସ୍ତୁତି ବୈଠକ

କଟକ ବାରବାଟୀ ଷ୍ଟାଡିୟମ୍‌ଠାରେ ଆସନ୍ତା ଫେବୃୟାରୀ ୯ ତାରିଖରେ ଭାରତ ଏବଂ ଇଂଲଣ୍ଡ ଦିନିକିଆ ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍ ପ୍ରସ୍ତୁତି ସମ୍ପର୍କିତ ସମୀକ୍ଷା ବୈଠକ ଗତକାଲି ଅନୁଷ୍ଠିତ ହୋଇଯାଇଛି । କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସୁଲଭ ମୂଲ୍ୟରେ ଟିକେଟ୍ ବିକ୍ରୟ ଏବଂ ସମସ୍ତ ପ୍ରକ୍ରିୟାକୁ ସ୍ୱଚ୍ଛତାର ସହ ସମ୍ପନ୍ନ କରାଯିବା ନେଇ ଆଲୋଚନା ହୋଇଛି । ଟିକଟ ମୂଲ୍ୟ ହ୍ରାସପାଇଁ ବୈଠକରେ ନିଷ୍ପତ୍ତି ହୋଇଛି । ଜିଲ୍ଲା ପ୍ରଶାସନ, ପୁଲିସ ପ୍ରଶାସନ ଏବଂ ସମସ୍ତ ସମ୍ପୃକ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇ ମ୍ୟାଚ୍‌କୁ ସୁଚାରୁରୂପେ ସମ୍ପନ୍ନ କରିବା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି ।

*Desk*

# ଫୁସ୍‌ଫୁସ୍ ରୋଗ ଦିବସ

ଧୂମପାନରୁ ନିବୃତ୍ତ ରହିବା ସହିତ ସୁସ୍ଥ ଜୀବନଶୈଳୀ ଆପଣେଇବା ନେଇ ଜନସଚେତନତା ବୃଦ୍ଧି ଲକ୍ଷ୍ୟରେ ଆଜି ବିଶ୍ୱ ଦୀର୍ଘସ୍ଥାୟୀ ଶ୍ୱାସ ଅବରୋଧୀ ଫୁସ୍‌ଫୁସ୍ ରୋଗ ଦିବସ ପାଳନ କରାଯାଉଛି । ଫୁସ୍‌ଫୁସ୍ ସଂକ୍ରାନ୍ତ ରୋଗର କାରଣ ଏବଂ ଏହାର ନିରାକରଣ ସମ୍ପର୍କରେ ସଚେତନତା ବୃଦ୍ଧି ଲକ୍ଷ୍ୟରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି । ଧୂମପାନଠାରୁ ଦୂରେଇ ରହିବା ଏବଂ ଫୁସ୍‌ଫୁସ୍ ଓ ଶ୍ୱାସକ୍ରିୟା ସଂକ୍ରାନ୍ତ ନିୟମିତ ବ୍ୟାୟାମ ଉପରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଗୁରୁତ୍ୱାରୋପ କରାଯାଇଛି ।

*Desk*

# ପାଣିପାଗ

ରାଜ୍ୟର ଆଭ୍ୟନ୍ତରୀଣ ଅଞ୍ଚଳରେ ଗତ ଦୁଇଦିନ ହେବ ତାପମାତ୍ରା ହ୍ରାସ ପାଇବା ସହ ଶୀତର ପ୍ରଭାବ ବୃଦ୍ଧି ପାଇଛି । ଆସନ୍ତା ୪ ଦିନ ପର୍ଯ୍ୟନ୍ତ ଏଭଳି ସ୍ଥିତି ଜାରି ରହିବା ସହ କେତେକ ସ୍ଥାନରେ କୁହୁଡ଼ି ଅନୁଭୂତ ହେବ ବୋଲି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି । ଗତକାଲି କନ୍ଧମାଳ ଜିଲ୍ଲାର ଜି. ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୬ ଦଶମିକ ୬ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି । ଆସନ୍ତା ୨୪ ଘଣ୍ଟା

ମଧ୍ୟରେ ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର, ବରଗଡ଼, କଳାହାଣ୍ଡି, କନ୍ଧମାଳ ଓ କେନ୍ଦୁଝର ଜିଲ୍ଲାର କେତେକ ସ୍ଥାନରେ ଘନକୁହୁଡ଼ି ହେବ ବୋଲି ପାଣିପାଗ କେନ୍ଦ୍ର ଅନୁମାନ କରିଛି।

*****